ଦ୍ରୋଣଙ୍କ ଜନ୍ମ ଓ କୃପୀସହ ବିବାହ
ବଦୟନ୍ତି ଅଗସ୍ତି ଶୁଣ ବୈବସୁତ ମନୁ
ଯେ ସେ ଭାରଦ୍ୱାଦଶ ବଢିଲା ବ୍ରହ୍ମଗ୍ୟାନୁଂ । ୧ ।
ଆହୋ ମନ୍ଦପାଳ ଋଷିଙ୍କର ଭାର୍ଯ୍ୟା ଭାନୁମତୀ
ତାହାର ନନ୍ଦନୀ ଯେ ଶ୍ରିୟା ସରସ୍ୱତୀ । ୨ ।
ଭାରଦ୍ୱାଦଶେ ପ୍ରଦାନ ହୋଇଲେ ସେ କନ୍ୟାକୁ
ବନ୍ଦାପନା କାଳୁଂ ରମଣ ନ କଲା ଯେ ତାକୁ । ୩ ।
ତପରେଣ ଇନ୍ଦ୍ରି ମାଇଲେ ବ୍ରହ୍ମଋଷି
ଶିଷୁମୁନା ଟେକି ସେ ହୋଇଲେ ତପବାସୀ । ୪ ।
ସେ ଶ୍ରିୟା ଭଗତି ହୋଇ ଥାଇ ଅନୁବ୍ରତେ
ଶୃଙ୍ଗାର ଲେଛଇଲେ ସେ ଶତବରଷ ପରିଯନ୍ତେ । ୫ । ସଂଖ୍ୟା
ପ୍ରୟାଗ ତୀର୍ଥରେ ପୁରାଣ ପଢୁଅଛନ୍ତି ଅଗସ୍ତି
ଯେତେ ଥିଲେ ତପ, ସନ୍ତାନ ନ ଥିଲେ ନାହିଂ ସଦଗତି । ୬ ।
ଯେସନେକ ଚରିତ ଶୁଣିଲେ ପୁରାଣ ବଚନେ
ଅନେକ ବିରସ ବାଳୀ ସନ୍ତାନ ବିହୁନେ । ୭ ।
ଶ୍ରିୟା ପୁଛା କଲେ ପୁରାଣ ବେଳେ ଅଗସ୍ତିଙ୍କି
ସ୍ୱାମୀ ପରଦାରା ଶୃଙ୍ଗାର କଲେ କିସ ଦୋଷ ସ୍ତିରୀକି । ୮ ।
ଅଗସ୍ତି ବୋଇଲେ ମା ଗୋ କରିବାନା ଉପାୟେ
ଅଷ୍ଟ ପ୍ରକାରେ ଜାତ କରିବା ଅଛି ତ ତନୟେ । ୯ ।
ନିଜ ସ୍ୱାମୀ ବୀର୍ଯ୍ୟେ ଯେବେ ନୋହିଲା ସନ୍ତତି
ଯଗ୍ୟ କରାଇ ସେ ସନ୍ତାନ କରିବ ଉତପତ୍ତି । ୧୦ ।
ତେଣେ ପୁତ୍ର ଯେବେ ନୋହିଲାକ ଜାତ
ତୀର୍ଥ ସେ ପଶି ଲୋଡିବ ଯେ ଫଳ ପ୍ରାପତ । ୧୧ ।
ଯେମନ୍ତେ ହେଂ ଯେବେ ନୋହିଲା ସନ୍ତାନ
ରାମାୟଣ ଶୁଣ ମା ଗୋ ଆଦି ଅନ୍ତ ମଧ୍ୟମାନ । ୧୨ ।
ତେତେ ବାଗେ ଯେବେ ନୋହିଲା ସନ୍ତାନ
ପର ପୁତ୍ର ଗୋଟିଏ କିଣି କରିବ ପାଳନ । ୧୩ ।
ତହିଂରେ ଯେବେ ପୁତ୍ର ନ ପାଇବ ଲୋଡି
ପରଦାରା କରାଇ ହୋଇବ ଦୋଚାରୀ । ୧୪ ।
ତେତେ ବାଗେ ଯେବେ ନୋହିବ ଆତ୍ମଜା
ଧର୍ମ ଅର୍ଥେ ବିଭା ହୋଇବା ଆପଣା ଭଣଞ୍ଜା । ୧୫ ।

----------

୧୧ ।୨ ତୀର୍ଥରେ ପଶି ଲୋଡିବ ଭଲ ପଦାର୍ଥ ।

ଯେତେ ବାଗେ ଯେବେ ନୋହିବ ସନ୍ତତି
ବାଟେ ବୃକ୍ଷ ଲଗାଇବା ବୋଇଲେ ଅଗସ୍ତି । ୧୬ ।
ଅଷ୍ଟ ପ୍ରକାରେଣ ସନ୍ତତି ଜାତ କଥା
ସ୍ତିରୀ ଜନମାନଙ୍କୁ ଗୋ ବଡ ଦୁଲ୍ଲଭ ଅଟଇ ମାତା । ୧୭ ।
ଯେତେ ବାଗେ ଯେବେ ନୁଆରିଲା ସନ୍ତତି ଜାତ କରି
ପ୍ରାଗେ ଝାସିଲେ ହୋଅଇ ଅପୁତ୍ରିକ ଦୋଷୁଂ ତରି । ୧୮ ।
ପ୍ରାଗ ତ୍ରିବେଣୀରେ ଝାସିଲେ ଫିଟଇ ଅପୁତ୍ରିକ ଦୋଷ
ଯମ ଦେବତା ଆସି ନୁଆରନ୍ତିଟି ତାହାର ପାଶ । ୧୯ ।
ପୁରାଣ ବାକ୍ୟ ଯହୁଂ କହିଲେ ଅଗସ୍ତି
ଶୁଣି ବିସରିଲେ ସେ ଶ୍ରିୟା ସରସ୍ୱତୀ । ୨୦ ।
ସେହି ବାଞ୍ଛା ବଚ ତଳେଣ ଦେବୀ ବସି

ଦ୍ରୋଣ ପକ୍ଷୀକି ଭଗତି ଭାବେ ଭାବିଲା ଶୁଭ୍ରକେଶୀ । ୨୧ ।
ଶତେ ବରଷ ଲୟେ କଲା ମହାସତୀ
ଦେଖିଣ ବୋଇଲେ ଦ୍ରୋଣ ପଚ୍ଛୀ ମହାଯତି । ୨୨ । ସଂଖ୍ୟା
ଧର୍ମ ପକ୍ଷୀ ବୋଇଲେ ବର ତୁ ମାଗ ରେ ଶ୍ରିୟା
ବିନୟ ଭାବେ ବୋଇଲେ ଭାରଦ୍ଵାଦଶଙ୍କର ପ୍ରିୟା । ୨୩ ।
ଭୋ ଧର୍ମ ପକ୍ଷୀ ମୋତେ ଅନଗୃହ କରିବା
ଅତିଭିଗ୍ୟ କରିଣ ମୋତେ ପୁତ୍ର ଗୋଟିୟେକ ଦେବା । ୨୪ ।
ଅତି ନିରେଖ ଦେଖି ଦୟା କଲେ ଧର୍ମ ପକ୍ଷୀ
ହୃଦଗତେ ଦୟା ବସିଲା ତାହାର କଷ୍ଟ ଦେଖି । ୨୫ ।
ଦକ୍ଷ ଣ ଅଂଗୁ ପକ୍ଷ ଦେଲେ ଡିମ୍ବ ଯେ ଗୋଟିୟେ
ୟେହା ନେଇଣ ଯତନ କରସି ଗୋ ମାୟେ । ୨୬ ।
ୟେଥୁଂ ଉତପତ୍ତି ହୋଇବ ଯେବଣ ପୁତ୍ର ସନ୍ତତି
ମହାଭିଗ୍ୟ ବଳବନ୍ତା ସେ ହୋଇବ ମହାଛତ୍ରୀ । ୨୭ ।

--------

୧୬ ।୨ ବାଟେ ରୂପିଲେ ସେ ଖଣ୍ଡଇ ଦୁର୍ଗତି
ଗହନ ବନ ପଥେ ଜଳଛତ୍ର ଦେବ କହିଲେ ଅଗସ୍ତି (ପା)
୧୭ ଅଷ୍ଟ ପ୍ରକାରେଣ ସନ୍ତତି ଜାତ କଥା ।
ସ୍ତିରୀ ଜନ୍ମ ଗୋ ବଡ ଦୁଲ୍ଲଭ ଅଟଇ ମାତା । (ପା)
୨୦ ।୨ ବିସରିଲେ-ବିଚାରିଲେ

ଦ୍ରୋଣ ପକ୍ଷୀ ଡିମ୍ବ ଘେନିଣ ସେ ଶ୍ରିୟା ସରସ୍ଵତୀ
ସେହି ପ୍ରାଗ ତୀର୍ଥେ ତାହାକଇ ଧରିଥାଇ ନିତି । ୨୮ ।
ପଞ୍ଚଦଶ ବରଷେ ସେ ଫୁଟିଲା ଡିମ୍ବ ଗୋଟି
ମହାବ୍ରହ୍ମେ ପୁତ୍ରେକ ବାହର ହେଲା ଡିମ୍ବ ଫୁଟି । ୨୯ । ସଂଖ୍ୟା
ମନିଷର ଶରୀର ହୋ ଧର୍ମ ପକ୍ଷୀର ବଦନ
ସୂଚୀମୁଖ ଓଷ୍ଠ ରଜତ ତାମ୍ର ବର୍ଣ୍ଣ । ୩୦ ।
ବେନି ଭୁଜେଣ ଅଛି ପକ୍ଷ ଲତାୟେ ଲତାୟେ
ପ୍ରତକ୍ଷେ ଦିଶଇ ସେ ଗରୁଡ ପକ୍ଷୀର ପରାୟେ । ୩୧ ।
ଦେଖିଣ ସନ୍ତୋଷ ହୋଇଲେ ଭାର ଯେ ଦ୍ଵାଦଶେ
ଦ୍ରୋଣ ପକ୍ଷୀ ପରସାଦେ ପାଇଲାଟି ୟେହେନେକ ଶିଷେ । ୩୨ । ସଂଖ୍ୟା
କୁମାରକୁ ତୋଳିଣ ଧଇଲେ ତପନିଷ୍ଠି
ବୋଇଲେ ୟେହାର ନାମ ହୋଉ ଦ୍ରୋଣ ଗୋଟି । ୩୩ ।
ଅଗସ୍ତି ବୋଇଲେ ଶୁମ ବଇବସୁତ ମନୁ
ସେ ଦ୍ରୋଣ ହୋଇଲେ ଭାରଦ୍ଵାଦଶଙ୍କ ତନୁ । ୩୪ ।
ଅତି ଯତନ କରି ସେ କୁମାରନ୍ତ ପାଳିଲେ
ସପତ ବରଷେ ସେତାକୁ ବଟୁବ୍ରତ କଲେ । ୩୫ । ସଂଖ୍ୟା
ଆହୋ କୁଶବ୍ରହ୍ମା ବୋଲି ସେଶୁକବ୍ରହ୍ମର ବଳା
ପ୍ରଜାପତିଙ୍କର ଗୋତ୍ରେ ସେ, ତାହାର ତେଜ ଅନର୍ଗଳା । ୩୬ ।
କୁଶବ୍ରହ୍ମଙ୍କର ପୁତ୍ର ଯେ ଆଚାର୍ଯେ
ତାହାଙ୍କର କୃପୀ ବୋଲିଣ ଭଗ୍ନୀ ଯେ । ୩୭ ।
ଭାରଦ୍ଵାଦଶ ସେ କନ୍ୟାକୁ ସୁସଞ୍ଚ ଦେଖି
ଦ୍ରୋଣକୁ ବିଭା କରାଇଲେ ସେ କୁମାରୀ କୃପୀକି । ୩୮ ।
କୃପୀ କନ୍ୟାକୁ ଘେନି ଦ୍ରୋଣେ ଯେ ଅଇଲେ
ବାଳୁତ କାଳୁଂ ସେ ତୀର୍ଥବାସୀ ତ ହୋଇଲେ । ୩୯ ।
ଚନ୍ଦ୍ରଭାଗା ତୀର୍ଥେ ସେ ଭେଟିଲେ ପ୍ରଶୁରାମକୁ

ଜମଦଗ୍ନିଙ୍କ ନନ୍ଦନ ପଚାରିଲେ ଦ୍ରୋଣଙ୍କୁ । ୪୦ ।
ବେଦ ଆଧ୍ୟାନ ଜାଣୁ ନି ଟିକି ବାବୁ
ମହାମନ୍ତର ଉଂକାର କରନି ଆମ୍ଭେ ପରୀକ୍ଷ କରିବୁଂ । ୪୧ ।
ଯଦୁର୍ବେଦ ଉଂକାରିଲେ ଭୂତ ଯେ ଭବିଷ୍ୟେ
ବ୍ରହ୍ମାଣ୍ଡ କ˜ିଲା ସେ ମହାମନ୍ତ୍ର ତ୍ରାସେ । ୪୨ ।
ପ୍ରଶୁରାମ ଅଛନ୍ତି ପ୍ରାଗବଟ ତୀର୍ଥେ
ଆସନ କ˜ିଲା ଜମଦଗ୍ନିଙ୍କର ସୁତେ । ୪୩ ।
କ୍ଷଣକେ ବିଶ୍ରାମ ନାହିଂ ମହାବ୍ରହ୍ମ ତପୀ
ତୀର୍ଥବାସେ ଆଗମନ ଯେ ଶହସ୍ର ଧର୍ମ ଆରୋପି । ୪୪ । ସଂଖ୍ୟା
ମକର ମାସେ ଦାନ ଦେଇଅଛନ୍ତି ପ୍ରାଗେ
ଛତ୍ରିବିଦ୍ୟା ଛାଡି ପଶିଲେ ଧର୍ମ ମାର୍ଗେ । ୪୫ ।
ଦ୍ରୋଣ ରହିଅଛନ୍ତି ଯେ ଆକାଶ ଗଙ୍ଗା କୂଳେ
ଭିକ୍ଷାପାତ୍ର କରି ବ୍ରତିଲେ ଧର୍ମ ବଳେ । ୪୬ ।
ଭିକ୍ଷାପାତ୍ର ଧରି ବଞ୍ଚନ୍ତି ବେନି ପ୍ରାଣୀ
ନଗ୍ରେ ଭିକ୍ଷା ମାଗି ବ୍ରତନ୍ତି ଗଙ୍ଗାକୂଳେ ଆଣି । ୪୭-୩୩୯୩ ।

--------

୪୨ ।୧  ଯଦୁର୍ବେଦ ଅଭ୍ୟାସ କଲେକ ହରଷେ । (ପା)

********